# NATIONAL NEWS BULLETIN (ODIA)

## 27 January - 2025

## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ଏନ୍.ସି.ସି. ଦେଶର ଯୁବକମାନଙ୍କୁ ରାଷ୍ଟ୍ର ନିର୍ମାଣ ପାଇଁ ସର୍ବଦା ପ୍ରେରଣା ଦେଉଛି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ।

- ନୂଆଦିଲ୍ଲୀରେ ଆରମ୍ଭ ହେଲା ୱେଭସ୍ ବଜାର ୱାହା ଉସ୍ତାଦ ପ୍ରତିଯୋଗିତା ଏବଂ ୱେଭସ୍ ପୁରସ୍କାର ।

- ଉତ୍ତରାଖଣ୍ଡରେ ଆଜିଠାରୁ ଲାଗୁ ହେଲା ସମାନ ନାଗରିକ ସଂହିତା ।

- ଆର୍.ଜି. କର ମେଡିକାଲ୍ କଲେଜ୍ ଦୁଷ୍କର୍ମ ଅଭିଯୁକ୍ତଙ୍କୁ ଫାଶି ଦଣ୍ଡାଦେଶ ଦେବା ଲାଗି ହାଇକୋର୍ଟରେ ଆବେଦନ କଲେ ପଶ୍ଚିମବଙ୍ଗ ସରକାର ।

ଏବଂ

- ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା ଶ୍ରେଷ୍ଠ ଟେଷ୍ଟ କ୍ରିକେଟ୍‌ର ପୁରସ୍କାର ପାଇଁ ମନୋନୀତ ।

## ପ୍ରଧାନମନ୍ତ୍ରୀ- ଏନ୍‌ସିସି ସମ୍ବୋଧନ

୭୫ ବର୍ଷର ଗଣତନ୍ତ୍ରରେ ଭାରତର ସମ୍ବିଧାନ ଯେଭଳି ଦେଶକୁ ସର୍ବଦା ଗଣତାନ୍ତ୍ରିକ ପ୍ରେରଣା ଦେଇ ନାଗରିକ କର୍ତ୍ତବ୍ୟର ମହତ୍ୱ ବର୍ଣ୍ଣନା କରିଛି ସେହିଭଳି ଏନ୍.ସି.ସି. ଦେଶର ଯୁବକମାନଙ୍କୁ ରାଷ୍ଟ୍ର ନିର୍ମାଣ ପାଇଁ ସର୍ବଦା ପ୍ରେରଣା ଦେବା ସହ ସେମାନଙ୍କୁ ଶୃଙ୍ଖଳାର ଗୁରୁତ୍ୱ ବିଷୟରେ ଜ୍ଞାନ ପ୍ରଦାନ କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆଜି ନୂଆଦିଲ୍ଲୀର କରିୟାପ୍ପା ପରେଡ୍ ଗ୍ରାଉଣ୍ଡରେ ବାର୍ଷିକ ଏନ୍‌ସିସି ର୍‍ୟାଲୀକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତର ଯୁବପିଢ଼ି କେବଳ ଭାରତ ପାଇଁ ନୁହନ୍ତି ବରଂ ସାରା ବିଶ୍ୱ ପାଇଁ ଏକ ଶକ୍ତି ଭାବରେ ଉଭା ହେଉଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ସରକାର ଯୁବପିଢ଼ି ସମ୍ମୁଖୀନ ହେଉଥିବା ଅନେକ ପ୍ରତିବନ୍ଧକକୁ ଦୂର କରିବା ପାଇଁ କାର୍ଯ୍ୟ କରିଛନ୍ତି । ଏହାଦ୍ୱାରା ଦେଶର ଯୁବବର୍ଗଙ୍କ ସାମର୍ଥ୍ୟ ବୃଦ୍ଧି ପାଇବା ସହ ଦେଶର ସାମର୍ଥ୍ୟ ମଧ୍ୟ ବୃଦ୍ଧି ପାଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ

ପଞ୍ଚପ୍ରାଣ ବିଷୟରେ କହିଛନ୍ତି । ବିକଶିତ ଭାରତ ନିର୍ମାଣ କରିବା, ଦାସତ୍ୱର ପ୍ରତ୍ୟେକ ଚିନ୍ତାରୁ ମୁକ୍ତି, ଆମ ଐତିହ୍ୟକୁ ନେଇ ଗର୍ବ ଅନୁଭବ କରିବା, ଦେଶର ଏକତା ପାଇଁ କାର୍ଯ୍ୟ କରିବା ଓ ସଚ୍ଚୋଟତାର ସହ କାର୍ଯ୍ୟ ନିର୍ବାହ କରିବା ବିଷୟରେ ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O**

ଚଳିତ ବର୍ଷ ଏନ୍.ସି.ସି. ର୍‍ୟାଲିର ବିଷୟବସ୍ତୁ ଥିଲା 'ଯୁବଶକ୍ତି ଓ ବିକଶିତ ଭାରତ' । ଏଥିରେ ୮୦୦ରୁ ଅଧିକ ଏନ୍.ସି.ସି. କ୍ୟାଡେଟ୍ ଅଂଶଗ୍ରହଣ କରିଥିଲେ ।

# ଆଇବି ମିନିଷ୍ଟ୍ରସ୍-ୱେଭ୍ସ

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ ଆଜି ନୂଆଦିଲ୍ଲୀରେ ୱେଭସ୍ ବଜାର, ୱାହ ଉସ୍ତାଦ ପ୍ରତିଯୋଗିତା ଏବଂ ୱେଭସ୍ ପୁରସ୍କାରର ଶୁଭାରମ୍ଭ କରିଛନ୍ତି । ଆୟୋଜିତ ସମାବେଶରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ବିଶ୍ୱ ମଞ୍ଚରେ ଭାରତର ଐତିହ୍ୟ, ସମୃଦ୍ଧ ସଂସ୍କୃତି ଓ କାହାଣୀ ଗୁରୁତ୍ୱବହନ କରୁଛି । ଖୁବ୍ ଶୀଘ୍ର ଭାରତ ସୃଜନଶୀଳ ଅର୍ଥନୀତିର ପ୍ରମୁଖ ପୁଞ୍ଜିରେ ପରିଣତ ହେବ ବୋଲି ସେ କହିଛନ୍ତି ।

ଏହି ଅବସରରେ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାଓ୍ୱତ କହିଛନ୍ତି, ଭାରତ କାହାଣୀକାରମାନଙ୍କ ଦେଶ ଏବଂ ଆଜି ଆରମ୍ଭ ହୋଇଥିବା ପଦକ୍ଷେପ ଭାରତର ଏହି ସୃଜନଶୀଳତାକୁ ସାରା ବିଶ୍ୱରେ ପହଞ୍ଚାଇବ । ଯୋଗଠାରୁ ଆରମ୍ଭ କରି ଆୟୁର୍ବେଦ ପର୍ଯ୍ୟନ୍ତ ଭାରତର ସଂସ୍କୃତି ଐତିହ୍ୟ ସାରା ବିଶ୍ୱରେ ଆଦୃତି ଲାଭ କରୁଛି । ସେ କହିଛନ୍ତି, ଭାରତ ଅର୍ଥନୀତି, ବୈଷୟିକ ଜ୍ଞାନକୌଶଳ ଓ ପ୍ରତିରକ୍ଷା କ୍ଷେତ୍ରରେ ଅଗ୍ରଗତି କରୁଛି । ଭାରତର ସଂସ୍କୃତି ହିଁ ଦେଶର ପ୍ରକୃତ ଶକ୍ତି ଓ ୱେଭସ୍ ଏହାକୁ ଉପଯୋଗ କରିବାରେ ସକ୍ଷମ ହେବ ବୋଲି ଶ୍ରୀ ଶେଖାଓ୍ୱତ୍ କହିଛନ୍ତି ।

ଆୟୋଜିତ କାର୍ଯ୍ୟକ୍ରମରେ ସୂଚନା ଓ ପ୍ରସାରଣ ସଚିବ ସଂଜୟ ଜାଜୁ ଯୋଗଦେଇ କହିଛନ୍ତି, ୱେଭସ୍ ବଜାର ହେଉଛି ଏଭଳି ଏକ ପଦକ୍ଷେପ ଯାହା ଗଣମାଧ୍ୟମ ବିଷୟବସ୍ତୁର କ୍ରେତା ଏବଂ ବିକ୍ରେତାଙ୍କୁ ଏକାଠି କରିବ । ଭୌଗଳିକ ସୀମାକୁ ଅତିକ୍ରମ କରି ସମସ୍ତ ନିର୍ମାତା ୱେଭସ୍ ବଜାରରେ ନିଜ ଉତ୍ପାଦ ରଖିପାରିବେ । ସେ କହିଛନ୍ତି, ଆସନ୍ତା ଫେବୃୟାରୀ ୧୫ ତାରିଖରୁ ୱେଭସ୍ ପୁରସ୍କାର ପାଇଁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହେବ ।

# ଦିଲ୍ଲୀ ଇଲେକ୍ସନ୍

ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଆଜି ଆମ୍ ଆଦମୀ ପାର୍ଟିର ଆବାହକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଅନେକ ଗୁଡ଼ିଏ ଘୋଷଣା କରିଛନ୍ତି । ସେ କହିଛନ୍ତି, ଆମ୍ ଆଦମୀ ପାର୍ଟି କ୍ଷମତାକୁ ଆସିଲେ ଆସନ୍ତା ୫ ବର୍ଷ ମଧ୍ୟରେ ୧୫ଟି ଗ୍ୟାରେଣ୍ଟି ପୁରଣ କରିବ । ଏଥିରେ ନିଯୁକ୍ତି ସୁଯୋଗ, ଚିକିତ୍ସା ପାଇଁ ସଞ୍ଜିବନୀ ଯୋଜନା, ପ୍ରତ୍ୟେକ ମହିଳାଙ୍କୁ ମାସିକ ୨ ହଜାର ୧୦୦ ଟଙ୍କା ଆର୍ଥିକ ସହାୟତା ଏବଂ ପୁରୁଣା ବିଲ୍ ଛାଡ଼ ଆଦି ଗ୍ୟାରେଣ୍ଟି ରହିଛି ।

ଅନ୍ୟ ପକ୍ଷରେ ଆମ୍ ଆଦମୀ ପାର୍ଟି ଦଳିତଙ୍କ ବିରୋଧୀ ବୋଲି ବିଜେପି ଅଭିଯୋଗ କରିଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ନେତା ସମ୍ବିତ ପାତ୍ର କହିଛନ୍ତି, ପଞ୍ଜାବ ଅମୃତସରରେ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ଘଟଣା ରାଜ୍ୟର ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ପ୍ରତିଫଳିତ କରୁଛି । ଆମ୍ ଆଦମୀ ପାର୍ଟିର ଆବାହକ ଅରବିନ୍ଦ କେଜରିୱାଲ୍ ଏହି ଘଟଣାରେ କ୍ଷମାପ୍ରାର୍ଥନା କରନ୍ତୁ ବୋଲି ଶ୍ରୀ ପାତ୍ର କହିଛନ୍ତି ।

ଅନ୍ୟ ପକ୍ଷରେ କଂଗ୍ରେସ ମୁଖପାତ୍ର ଆସମା କହିଛନ୍ତି, ପୂର୍ବରୁ ପ୍ରତିଶ୍ରୁତି ପୁରଣ କରିବାରେ ବିଫଳ ହୋଇଥିବାରୁ ଲୋକମାନେ ଆମ୍ ଆଦମୀ ପାର୍ଟିକୁ ପ୍ରତ୍ୟାଖ୍ୟାନ କରିସାରିଛନ୍ତି ।

## ଦିଲ୍ଲୀ-ଇଲେକ୍ସନ୍

ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆଦର୍ଶ ଆଚରଣବିଧି ଉଲ୍ଲଙ୍ଘନ ମାମଲାରେ ଦିଲ୍ଲୀ ପୁଲିସ୍ ୭୩୮ଟି ମାମଲା ରୁଜୁ କରିଛି । ପୁଲିସ୍ ୩୬୪ଟି ଲାଇସେନ୍ସ ବିହନ ଅସ୍ତ୍ରଶସ୍ତ୍ର ଓ ୪୪୫ଟି ଗୁଳି ଜବତ କରିଛି । ଏହି ପ୍ରକ୍ରିୟାରେ ଏ ପର୍ଯ୍ୟନ୍ତ ୬୧ ହଜାର ଲିଟର ମାଦକ ଦ୍ରବ୍ୟ, ୭୨ କୋଟିରୁ ଅଧିକ ମୂଲ୍ୟର ୧୫୬ କିଲୋଗ୍ରାମ ନିଶାଦ୍ରବ୍ୟ ଓ ନଗଦ ୬ କୋଟି ୩୬ ଲକ୍ଷ ଟଙ୍କା ଜବତ କରାଯାଇଛି । ଗତ ଜାନୁଆରୀ ୭ ତାରିଖରୁ ଆଦର୍ଶ ଆଚରଣବିଧି ଉଲ୍ଲଙ୍ଘନ ଅଭିଯୋଗରେ ୨୨ ହଜାର ୮୦୦ରୁ ଅଧିକ ଲୋକଙ୍କୁ ଗିରଫ୍ କରାଯାଇଥିବା ଦିଲ୍ଲୀ ପୁଲିସ୍ ପକ୍ଷରୁ ସୂଚନା ମିଳିଛି ।

# ଉତ୍ତରାଖଣ୍ଡ-ୟୁସିସି

ଉତ୍ତରାଖଣ୍ଡରେ ଆଜିଠାରୁ ସମାନ ନାଗରିକ ସଂହିତା ଲାଗୁ ହୋଇଛି । ସମାନ ନାଗରିକ ସଂହିତା ଆଇନକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଉତ୍ତରାଖଣ୍ଡ ହେଉଛି ପ୍ରଥମ ରାଜ୍ୟ । ଏହି ଆଇନରେ ସମସ୍ତ ନାଗରିକଙ୍କ ପାଇଁ ସମାନ ଅଧିକାରକୁ ଗୁରୁତ୍ୱ ପ୍ରଦାନ କରାଯାଇଛି । ୨୦୨୨ ମସିହା ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନ ସମୟରେ ବିଜେପି ସମାନ ନାଗରିକ ସଂହିତା କାର୍ଯ୍ୟକାରୀ କରିବା ଲାଗି ଦୃଢ଼ ପ୍ରତିଶ୍ରୁତି ଦେଇଥିଲା ।

ଏହି ପ୍ରତିଶ୍ରୁତି ଦେଇ ବିଜେପି ଦ୍ୱିତୀୟ ଥର ଲାଗି ପୁଣି ଶାସନ କ୍ଷମତାକୁ ଆସିପାରିଥିଲା । ରାଜ୍ୟ କ୍ୟାବିନେଟ ବୈଠକରେ ସମାନ ନାଗରିକ ସଂହିତା କାର୍ଯ୍ୟକାରିତାର ନିୟମାବଳୀକୁ ଅନୁମୋଦନ କରାଯାଇଥିଲା ଏବଂ ରାଜ୍ୟରେ ଏହାକୁ କାର୍ଯ୍ୟକାରୀ କରିବା ନେଇ ଦିନ ଧାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ କ୍ଷମତା ପ୍ରଦାନ କରାଯାଇଥିଲା ।

ଏହି ନିୟମ ପରିପ୍ରେକ୍ଷୀରେ ଉତ୍ତରାଖଣ୍ଡରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମେତ ସମସ୍ତ ବର୍ଗର ନାଗରିକଙ୍କ ପାଇଁ ବିବାହ, ଛାଡ଼ପତ୍ର, ଉତ୍ତରାଧିକାର ଆଦି ସମାନ ଭାବରେ ଲାଗୁ କରାଯିବ । ଏହି

ଆଇନ ଅଧୀନରେ ସମସ୍ତ ବିବାହ ଏବଂ ଲିଭ୍ ଇନ୍ ରିଲେସନ୍‌ସିପ୍‌ର ପଞ୍ଜୀକରଣକୁ ବାଧ୍ୟତାମୂଳକ କରାଯାଇଛି ।

ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ କହିଛନ୍ତି ଏହି ଆଇନର କାର୍ଯ୍ୟକାରିତା ରାଜ୍ୟରେ ସମାନତା ଆଣିବା ସହ ସମସ୍ତ ନାଗରିକଙ୍କ ପାଇଁ ସମାନ ଅଧିକାର ଏବଂ ଦାୟିତ୍ୱକୁ ସୁନିଶ୍ଚିତ କରିବ । ଆଇନର କାର୍ଯ୍ୟକାରିତା ନେଇ ବିଭାଗୀୟ ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କାର୍ଯ୍ୟ ଇତିମଧ୍ୟରେ ଶେଷ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଧାମୀ ସୂଚନା ଦେଇଛନ୍ତି ।

## ବଜେଟ୍-ଏକ୍ସପେକ୍‌ଟେସନ୍

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆସନ୍ତା ମାସ ପହିଲାରେ ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ । ବଜେଟ୍‌ରେ ଘରୋଇ ଏବଂ ବିଶ୍ୱସ୍ତରୀୟ ଆହ୍ୱାନର ମୁକାବିଲା ନିମନ୍ତେ ସରକାର ଅର୍ଥନୈତିକ ପ୍ରାଥମିକତା ଏବଂ ବିତ୍ତୀୟ ରଣନୀତି ଉପରେ ଅଧିକ ଗୁରୁତ୍ୱ ଦେବେ ବୋଲି ଆଶା କରାଯାଉଛି । ବିଶେଷଜ୍ଞ ଏବଂ ସାଧାରଣ ଲୋକମାନେ, ଦେଶର ସୁଦୃଢ଼ ଭିତ୍ତିଭୂମି ନିର୍ମାଣ, ଉତ୍ପାଦନ ଇକୋ ସିଷ୍ଟମ୍ ନିର୍ମାଣ, ନିଯୁକ୍ତି ସୃଷ୍ଟି ଏବଂ ବିତ୍ତୀୟ ସଚେତନତାକୁ ସରକାର ଅଗ୍ରାଧିକାର ଦେବେ ବୋଲି ଆଶା କରିଛନ୍ତି । କୃଷି ଷ୍ଟାର୍ଟଅପ୍‌ର ପ୍ରତିଷ୍ଠାତା ୟୁସୁଫ୍ ରଫିକ୍ ଆକାଶବାଣୀ ସମାଚାରକୁ

କହିଛନ୍ତି, ଜୈବିକ କୃଷିଜାତ ଦ୍ରବ୍ୟର ପ୍ରମାଣିକରଣ ଉପରେ ସରକାର ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଛି ।

## ଡବ୍ଲ୍ୟୁବି ଆର୍‌ଜି କର

ଆର୍.ଜି. କର ମେଡିକାଲ୍ କଲେଜ୍ ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତ ସଂଜୟ ରାୟଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେବା ଲାଗି ପଶ୍ଚିମବଙ୍ଗ ସରକାର କରିଥିବା ଆବେଦନ ଉପରେ କଲିକତା ହାଇକୋର୍ଟ ଆଦେଶ ସଂରକ୍ଷିତ ରଖିଛନ୍ତି । କଲିକତା ହାଇକୋର୍ଟର ଜଷ୍ଟିସ୍ ଦେବାଂଶୁ ବସକ ଏବଂ ମହମ୍ମଦ ସବାର ରାସିଦିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ । ରାଜ୍ୟ ସରକାର ଏହି ଘଟଣାରେ ମୃତ୍ୟୁ ଦଣ୍ଡାଦେଶ ଦେବା ଲାଗି ଆବେଦନ କରିଛନ୍ତି ।

ଅନ୍ୟ ପକ୍ଷରେ ସି.ବି.ଆଇ. ରାଜ୍ୟ ସରକାରଙ୍କ ଆବେଦନକୁ ନିରର୍ଥକ ଦର୍ଶାଇ କହିଛି, ସି.ବି.ଆଇ. ଘଟଣାର ତଦନ୍ତ କରୁଥିବା ବେଳେ ରାଜ୍ୟ ସରକାର ହାଇକୋର୍ଟରେ ଆବେଦନ କରିବାର କୌଣସି କାରଣ ନାହିଁ । ପୂର୍ବରୁ ସି.ବି.ଆଇ. ପକ୍ଷରୁ ସେସନ୍ସ କୋର୍ଟ୍‌ରେ ଅଭିଯୁକ୍ତ ସଂଜୟ ରାୟଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେବା ଲାଗି ଆବେଦନ କରିଥିଲେ ମଧ୍ୟ କୋର୍ଟ ଏହାକୁ ଗ୍ରହଣ କରିନଥିଲେ ।

# ମହାକୁମ୍ଭ -ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ  ଅମିତ ଶାହା ଆଜି ପ୍ରୟାଗରାଜ ଗସ୍ତ କରି  ଦିବ୍ୟ, ଭବ୍ୟ ମହାକୁମ୍ଭ ସଙ୍ଗମରେ ବୁଡ଼ ପକାଇଛନ୍ତି । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଯୋଗଗୁରୁ ସ୍ୱାମୀ ରାମଦେବଙ୍କ ସମେତ ବିଭିନ୍ନ ମଠ, ମନ୍ଦିର ଓ ଆଖଡ଼ାର ଅନେକ ସନ୍ଥ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସହ ପବିତ୍ର ସ୍ନାନରେ ସାମିଲ ହୋଇଥିଲେ । ପରେ ସାଧୁସନ୍ଥଙ୍କ ଗହଣରେ ଧାର୍ମିକ ପରିବେଶ ମଧ୍ୟରେ ଶ୍ରୀ ଶାହା ସ୍ନାନ କରି ସଙ୍ଗମ ତଟରେ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ଶ୍ରୀ ଶାହା  ପୁରୀ ଶଙ୍କରାଚାର୍ଯ୍ୟ, ଦ୍ୱାରିକା ଶଙ୍କରାଚାର୍ଯ୍ୟଙ୍କ ସମେତ ବହୁ ସାଧୁସନ୍ଥଙ୍କୁ ଭେଟିଥିଲେ ।  ଶ୍ରୀ ଶାହା ଆଚାର୍ଯ୍ୟ ମହାମଣ୍ଡଳେଶ୍ୱର ଅବଧେଶାନନ୍ଦ, ମହନ୍ତ ହରିଗିରି ଓ ମହନ୍ତ ପ୍ରେମଗିରିଙ୍କ ସହ ମହାକୁମ୍ଭ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ ।

ଆଜି ମଧ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସଂଗମରେ ସ୍ନାନ କରିଛନ୍ତି ।

# ନ୍ୟାସନାଲ୍ ଗେମସ୍

୩୮ତମ ରାଷ୍ଟ୍ରୀୟ କ୍ରୀଡ଼ା ଆସନ୍ତାକାଲି ଉତ୍ତରାଖଣ୍ଡରେ ଆରମ୍ଭ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡେରାଡୁନ୍‌ର ମହାରାଣା ପ୍ରତାପ ଷ୍ଟାଡିୟମ୍‌ରେ ଏହାର ଉଦ୍‌ଘାଟନ କରିବେ । ସୂଚନା ଅନୁଯାୟୀ ଏହି କ୍ରୀଡ଼ାରେ ସାରା ଦେଶରୁ ୧୦ ହଜାରରୁ ଅଧିକ ଖେଳାଳି ଭାଗ ନେଉଛନ୍ତି ।

# ବୁମରା-ଆୱାର୍ଡ୍

୨୦୨୪ରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଭାରତର ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଶ୍ରେଷ୍ଠ ଟେଷ୍ଟ କ୍ରିକେଟର ପୁରସ୍କାର ନିମନ୍ତେ ମନୋନୀତ ହୋଇଛନ୍ତି । ଗତବର୍ଷ ବୁମରା ୧୪ ଦଶମିକ୍ ୯/୨ ହାରରେ ୧୩ଟି ମ୍ୟାଚ୍‌ରୁ ୩୫୭ ଓଭର ବୋଲିଂ କରି ୭୧ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ । ନିଜର ୟର୍କର୍ ଶୈଳୀ ବୋଲିଂ ପାଇଁ ବୁମ୍‌ରା ଉଭୟ ଦିନିକିଆ ଏବଂ ଟେଷ୍ଟ ସିରିଜ୍‌ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

# ହକି

ପୁରୁଷ ହକି ଇଣ୍ଡିଆ ଲିଗ୍‌ରେ ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଶ୍ରାଚି ରାର୍ ବେଙ୍ଗଲ ଟାଇଗର୍ସ୍ ଓ ଦିଲ୍ଲୀ ଏସ୍.ଜି. ପାଇପର୍ସ୍ ମଧ୍ୟରେ ମ୍ୟାଚ୍ ଚାଲିଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଦିଲ୍ଲୀ ଏସ୍.ଜି. ପାଇପର୍ସ୍ ୧-୦ରେ ଆଗରେ ରହିଛି ।

ଆଜି ରାତି ୮ଟା ୧୫ ମିନିଟ୍‌ରେ ଅନ୍ୟ ଏକ ମ୍ୟାଚ୍‌ରେ ଏସ୍.ଜେ.ଡବ୍ଲ୍ୟୁ. ସୁରମା ହକି କ୍ଲବ୍’ କଳିଙ୍ଗ ଲାନ୍ସର୍ସ୍ ସହ ମ୍ୟାଚ୍ ଖେଳିବ ।